## ସଂକ୍ଷେପରେ

### ସାବେରୀ ନଦୀରେ ଭାସିଯାଇ ଯୁବକ ମୃତ

ମାଥିଲି,୧୪।୯(ଡି.ଏନ୍.ଏ.)-ସାବେରୀ ନଦୀରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କର୍ତ୍ତନପାଲ୍ଲୀ ଫାଣ୍ଡି ଅନ୍ତର୍ଗତ ଉଦୟଗିରି ଗ୍ରାମର ମଙ୍ଗରାଜ ଭୂମିଆ (୩୦)। ମଙ୍ଗରାଜ ମଙ୍ଗଳବାର ଅପରାହ୍ନ ୩ଟାରେ ନଦୀକୁ ଶୌଚହେବାକୁ ଯାଇଥିବା ବେଳେ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ନଦୀ ସ୍ରୋତରେ ଭାସିଯାଇଥିଲେ। ମଙ୍ଗରାଜ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରିଥିଲେ ମଧ କୌଣସି ପତ୍ତା ପାଇ ନ ଥିଲେ। ବୁଧବାର ସକାଳୁ ନଦୀରେ ତାଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏନେଇ ମାଥିଲି ଥାନାକୁ ଖବର ଦେବାରୁ ଏସ୍ଆଇ କୃତ୍ତିବାସ ବେହେରାଙ୍କ ସହ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ବ୍ୟବଚ୍ଛେଦ ପରେ ଏହା ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ହିନ୍ଦୀ ଦିବସ ପାଳିତ

ଜୟପୁର, ୧୪।୯ (ନି.ପ୍ର.): ଜୟପୁର ସିଟି ହାଇସ୍କୁଲଠାରେ ହିନ୍ଦୀ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ଆକାଶବାଣୀ କେନ୍ଦ୍ରର ଷ୍ଟେଶନ ଡାଇରେକ୍ଟର ନରେନ୍ଦ୍ର ପଟ୍ଟନାୟକ, ସିଏ ଆନନ୍ଦ ମୁନ୍ଦ୍ରା, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସିମାଞ୍ଚଳ ମିଶ୍ର, ଜଗଦିଶ ଚନ୍ଦ୍ର ନାୟକ, ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଦୀପ, ନାରାୟଣି କେଲେଜର ଏମଡି ଅନିକେତ ପଟ୍ଟନାୟକ, ଟ୍ରଷ୍ଟ ସମ୍ପାଦକ ଉମାକାନ୍ତ ମହାରଣା, ଇରିଗେସନ କୋଲନୀସ୍ଥିତ ହାଇସ୍କୁଲର ହିନ୍ଦୀ ଶିକ୍ଷକ ରାଧା ମୋହନ ପଣ୍ଡା. ତେଲୁଗୁ ସାଂସ୍କୃତିକ ସମିତିର ସଭାପତି ବିରେଶ ପଟ୍ଟନାୟକ, ସିଟି ହାଇସ୍କୁଲ ସଭାପତି ଏ. ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ରହି ହତନ୍ଦୀ ଭାଷାର ପ୍ରଚାର ପ୍ରସାର ଓ ଏହାର ଗରିମା ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରତାପ ପଟ୍ଟନାୟକ ଓ ମହମ୍ମଦ ସାରିଫ ପରିଚାଳନା କରିଥିଲେ।

### ଉଣ୍ଡ୍ରୁକୋଣ୍ଡାରେ ଡାକମେଳା



ପଡିଆ, ୧୪।୯(ଡି.ଏନ.ଏ.): ଭାରତୀୟ ଡାକ ବିଭାଗ ପକ୍ଷରୁ ମାଲକାନଗିରି ଡାକମଣ୍ଡଳ ନିରୀକ୍ଷକ ରାଜେବେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଉଣ୍ଡ୍ରୁକୋଣ୍ଡା ପଞ୍ଚାୟତ ସଦର ମଣ୍ଡିଠାରେ ଏକ ଡାକ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ଯମୁନା ମୁଚାକି, ସମ୍ମାନିତ ଅତିଥି ଭାବେ ବିଡିଓ ରାମକୃଷ୍ଣ ନାୟକ, ସରପଞ୍ଚ କାନନ ୱେକ, ପଡିଆ ଏମ୍ପି ପ୍ରତିନିଧି ସି ହେଚ ରବୀଟ କୁମାର, ଅଙ୍ଗନୱାଡି ସୁପର ଭାଇଜର ସି ହେଚ ଏଲେ. ଆମ୍ମା, ପ୍ରମୁଖ ଯୋଗ ଦେଇଥିଲେ। ଭାରତୀୟ ଡାକ ବିଭାଗର କୋରାପୁଟ ଡିଭିଜନ ଅଫିସ ଇନ୍ସପେକ୍ଟର ଦେବବ୍ରତ ବେହେରା, ମାଲକାନଗିରି ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ ମ୍ୟାନେଜର ବୋନଥ ରମେଶ, ଓଭରସିସିୟର ସର୍ବେଶ୍ୱର ଭୁଇ, ରାଜା ରାମ ହରିଜନ, କାଲିମେଳା ଉପ ଡାକ ଘର ଅଧୀନ ସମସ୍ତ ଶାଖା ଡାକ ଘରର ବିପିଏମ ଏବଂ ଏବିପିଏମମାନେ ଉପସ୍ଥିତ ଥିଲେ। ଜନ ସାଧାରଣଙ୍କ ପାଇଁ ଭାରତୀୟ ଡାକ ବିଭାଗରେ କଣ ସବୁ ସୁବିଧା ଓ ଯୋଜନାମାନ ଉପଲବ୍ଧ ରହିଛି ସେ ସମ୍ପର୍କ ଉପସ୍ଥିତ ଅତିଥିମାନେ ବୁଝାଇଥିଲେ। ଏହି ଅବସରରେ ମେଳାରେ ଜନସାଧାରଣଙ୍କ ଆଧାର ସହ ମୋବାଇଲ ସଂଯୋଗ, ମାଗଣାରେ ଶିଶୁ ଆଧାର କାର୍ଡ କରାଯାଇଥିଲା।

### ଯୁବ ବିଜେଡି ସଭାପତିଙ୍କ କାଲିମେଳା ଗସ୍ତ

ମାଲକାନଗିରି,୧୪।୯ (ସ୍ୱ.ପ୍ର.): ମାଲକାନଗିରି ଜିଲା କାଲିମେଳା ବ୍ଲକ ସଦରରେ ଥିବା ଗୋଷ୍ଠୀ ଚିକିତ୍ସାଳୟକୁ ଶନିବାର ଜିଲା ଯୁବ ବିଜେଡି ସଭାପତି ଆଡ଼ମା ରାବା ଗସ୍ତ କରି ବିଭିନ୍ନ ବିଷୟ ସମୀକ୍ଷା କରିଛନ୍ତି। ଏହି ସମୟରେ ସେ ଚିକିତ୍ସାଳୟରେ ଡେଙ୍ଗୁ ରୋଗୀଙ୍କୁ ଉପଯୁକ୍ତ ସେବା ଯୋଗାଇବା ସହ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଡାକ୍ତରଙ୍କୁ ପରାମର୍ଶ ଦେଇଥିଲେ। ଚିକିତ୍ସାଧୀନ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁଛି କି ନାହିଁ ପଚାରି ବୁଝିଥିଲେ। ଏହି ଅବସରରେ ଡାକ୍ତର ଅବିଦ ହୁସେନ, ଜିଲା ପରିଷଦ ସଦସ୍ୟା ମମତା ପଡିଆମୀ, କାଲିମେଳା ସରପଞ୍ଚ ପୃଥ୍ୱୀରାଜ ମାଝୀ, ଏମ୍ପି ପ୍ରତିନିଧି ଇ. ଭେଙ୍କଟ ରାଓ, ସୁନୀଲ ଦେ, ଭୋବେନ ବାଛାର, ଛାତ୍ର ନେତା ଏ. ରାଜୁ ରାଓ, ଜିଲା ମିଡିଆ ସଂଯୋଜକ ମନୋଜ ପଟ୍ଟନାୟକ, ବାବୁ ବାଛାର ଉପସ୍ଥିତ ଥିଲେ।

# ଡାକିଲେ, ଅସମ୍ମାନ କଲେ

## ବିଧାନସଭା ସଦାଚାର ଗୃହ କମିଟି ବୈଠକ

ମାଲକାନଗିରି,୧୪।୯ (ଡି.ଏନ୍.ଏ.)

ଓଡ଼ିଶା ବିଧାନସଭା ଗୃହ ତଥା ସଦାଚାର କମିଟି ବୈଠକ ବୁଧବାର ମାଲକାନଗିରି ଜିଲା ଗସ୍ତ କରି ସମୀକ୍ଷା କରିଛନ୍ତି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଏହି ବୈଠକକୁ ଗଣମାଧମ ପ୍ରତିନିଧିମାନଙ୍କୁ ଡାକିଥିଲେ। ବୈଠକର ବିବରଣୀକୁ ବହୁଳ ଭାବେ ପ୍ରଚାର ପ୍ରସାର ପରାମର୍ଶ ଦେଇଥିଲେ। ନିମନ୍ତ୍ରଣ ପାଇ ଗଣମାଧମ ପ୍ରତିନିଧିମାନେ ନିର୍ଦ୍ଦିଷ୍ଟ ସମୟରେ ଗୃହରେ ପହଞ୍ଚିଥିଲେ। ତେବେ ବୈଠକ ଆରମ୍ଭରୁ ଗଣମାଧମ ପ୍ରତିଧିମାନଙ୍କୁ ବାହାରକୁ ଚାଲିଯିବା ପାଇଁ ଗୃହ କମିଟି ଅଧକ୍ଷ ଅମର ଶତପଥୀ କହିଥିଲେ। ଫଳରେ ଖବର ସଂଗ୍ରହ କରିବାକୁ ଯାଇଥିବା ବିଭିନ୍ନ ଗଣମାଧମ ପ୍ରତିନିଧିମାନେ କକ୍ଷ ତ୍ୟାଗ କରି ଚାଲି ଆସିଥିଲେ। ଏ ନେଇ ଗଣମାଧମ ପ୍ରତିନିଧିମାନେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଜଣାଇଥିଲେ। ଏହା ଜିଲା ପ୍ରଶାସନ ଦ୍ୱାରା ହୋଇନାହିଁ, ଗୃହ କମିଟି ଅଧକ୍ଷ ଏହି ନିଷ୍ପତ୍ତି ନେଇଥିଲେ ବୋଲି ଆଚାର୍ଯ୍ୟ କହିଥିଲେ। ତେବେ ବୈଠକ ପରେ ଗଣମାଧମକୁ ସୂଚନା ପ୍ରଦାନ କରାଯିବ ବୋଲି ସେ କହିଥିଲେ। ଏହାକୁ ବିଭିନ୍ନ ଗଣମାଧମ ସଙ୍ଗଠନ ପ୍ରତିବାଦ କରିଛନ୍ତି। ଆଗାମୀ ଦିନରେ ଏପରି ପରିସ୍ଥିତି ସୃଷ୍ଟି ନ କରିବା ପାଇଁ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଜଣାଇଛନ୍ତି। ବୈଠକରେ ଗୃହ କମିଟି ଅଧକ୍ଷ ବିଧାୟକ ଅମର ପ୍ରସାଦ ଶତପଥୀ, ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମାଲକାନଗିରି ଜିଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲୁ, ଜିଲାପାଳ ବିଶାଲ ସିଂ, ଏସ୍.ପି. ନିତିଶ୍ ବାଧ୍ୱାନୀଙ୍କ ସହ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବୈଠକର ପରେ ଅଧକ୍ଷ ଶତପଥୀ ମାଲକାନଗିରି ଜିଲାରେ ବିକାଶ ଦ୍ରୁତଗତିରେ ହୋଇଛି। ପାନୀୟ ଜଳ, ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବ ବୋଲି କହିଥିଲେ।

# ଅଜଣା ରୋଗର ଅନୁଧ୍ୟାନ କଲା କଂଗ୍ରେସ ଟିମ୍



ହଳଦୀକୁଣ୍ଡରେ ଅଜଣା ରୋଗର ଅନୁଧାନ କରୁଥିବା କଂଗ୍ରେସ ଟିମ୍।

ମାଥିଲି,୧୪।୯(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ହଳଦୀକୁଣ୍ଡ ଗ୍ରାମରେ ଅଜଣା ରୋଗ ବ୍ୟାପି ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ବୁଧବାର ଶରତ ଚନ୍ଦ୍ର ବୁରୁଦାଙ୍କ ନେତୃତ୍ୱରେ କଂଗ୍ରେସର ଏକ ଟିମ୍ ହଦଳୀକୁଣ୍ଡ ଗସ୍ତ କରିଥିଲେ। ଅଜଣା ରୋଗରେ ପ୍ରାଣ ହରାଇଥିବା ଲୋକଙ୍କ ଘରକୁ ଘର ବୁଲି ଟିମ୍ ସଦସ୍ୟମାନେ ପଚାରି ବୁଝିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ଏହାକୁ ହାଲୁକା ଭାବେ ଗ୍ରହଣ କରିଥିବାରୁ ଟିମ୍ ଉଦ୍‌ବେଗ ପ୍ରକାଶ କରି ମାଲକାନଗିରି ସିଡିଏମ୍‌ଓଙ୍କ ବୟାନକୁ ବିରୋଧ କରିଥିଲେ। ସାଧାରଣ ଭାବେ ଏହା କୌଣସି ମଦ କିମ୍ବା ବିଷାକ୍ତ ଖାଦ୍ୟ ଯୋଗୁ ଲୋକଙ୍କ ମୃତ୍ୟୁ ହେଇନାହିଁ। ବରଂ ରୋଗକୁ ଠାବକରି ନ ପାରି ସିଡିଏମ୍‌ଓ ଏପରି ମନ୍ତବ୍ୟ ଦେଇଥିବା କଂଗ୍ରେସ ଅଭିଯୋଗ କରିଛି। କୌଣସି ଡାକ୍ତରୀ ଦଳ ଗ୍ରାମରେ ନାହାନ୍ତି। ବିଶେଷଜ୍ଞମାନଙ୍କୁ ଅଣାଯାଇନାହିଁ। ନିଜ ଉପରୁ ଦୋଷ ଖସାଇବା ପାଇଁ ସିଡିଏମ୍‌ଓ ମୃତ୍ୟୁ ମଦ ଓ ବିଷାକ୍ତ ଖାଦ୍ୟ ଯୋଗୁ ହୋଇଥିବା କହିଛନ୍ତି। ମଙ୍ଗଳବାର ଜଣେ ୧୦ ବର୍ଷର ଶିଶୁଙ୍କ ମୃତ୍ୟୁ ଏହାର ପ୍ରମାଣ ବୋଲି କଂଗ୍ରେସ ପ୍ରକାଶ କରିଛି। ଠିକ୍ ରିପୋର୍ଟ ନ କଲେ ଆଗାମୀ ଦିନରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ବୁରୁଦା କହିଛନ୍ତି। ଏହି ଟିମ୍‌ରେ ମଙ୍ଗୁ ଖିଲ, ମଙ୍ଗଳା ଗୌଡ଼, ତ୍ରିନାଥ ଭୂମିଆ, ଫୁଲମତୀ ଜିରାମ, ନବୀନ ଚନ୍ଦ୍ର ଭୂପତି, ରାଜେନ୍ଦ୍ର ଖରା ପ୍ରମୁଖ ସାମିଲ ହୋଇଥିଲେ।

## ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

କୁନ୍ଦୁରା,୧୪।୯(ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ଡଙ୍ଗରପାଉଁଶି ପଞ୍ଚାୟତ ଭେଜାହାଣ୍ଡିସ୍ଥିତ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ ନିକଟରେ ଏକ ସଡକ ଦୁର୍ଘଟଣାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ଗଜଦେବ ବାରିକ। ମଙ୍ଗଳବାର ସନ୍ଧ୍ୟାରେ ନିଜ ଗ୍ରାମ ପ୍ରଧାନିପୁଟରେ ଥିବା ପାଠାଗାରରେ ଗଣେଶ ପୂଜା ବିସର୍ଜନ ନେଇ ହେବାକୁ ଥିବା ବୈଠକକୁ ସେ ଘରୁ ଅସୁଥିବା ସମୟରେ ଦୁଇ ଜଣ ଯୁବକ ଏକ ବାଇକ୍‌ରେ ଦ୍ରୁତ ଗତିରେ ଆସି ବାରିକଙ୍କ ବାଇକ୍‌କୁ ପଛପଟୁ ପିଟି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ଶିକ୍ଷକ ବାରିକ ଅଚେତ ହୋଇ ପଡିଥିଲେ। ଗ୍ରାମର କିଛି ଲୋକ ତାଙ୍କୁ ପ୍ରଥମେ କୁନ୍ଦୁରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ସେଠାରୁ ତାଙ୍କୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ ତାଙ୍କ ଅବସ୍ଥା ସଙ୍କଟପନ୍ନ ହେବାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଜାଣିବା ପରେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସଲିଳା ବେହେରାଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

# ଖାଉଟି ସାମଗ୍ରୀ ହଡ଼ପ ଅଭିଯୋଗ ଆଣିଲେ ଭଞ୍ଜାଗୁଡ଼ାବାସୀ

## ସ୍ୱୟଂସହାୟକ ଗୋଷ୍ଠୀର ଅବହେଳା

ଦଶମନ୍ତପୁର,୧୪।୯( ଡି.ଏନ୍.ଏ.)

ପ୍ରଶାସନ ପକ୍ଷରୁ କେତେକ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ କିଛି ପରିମାଣରେ ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନଙ୍କ ଦ୍ୱାରା ହିତାଧିକାରୀମାନେ ଉପଯୁକ୍ତ ଭାବେ ଖାଉଟି ସାମଗ୍ରୀର ଲାଭ ଉଠାଇପାରିବା ଲକ୍ଷ୍ୟ ନେଇ ହୋଇଥିବା ଏହି ବ୍ୟବସ୍ଥାରେ ଏବେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଠିକ୍ ରୂପେ ସାମଗ୍ରୀ ନ ପାଇବାରୁ ଗ୍ରାମବାସୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଜା ବେଡ଼ାପଦର ପଞ୍ଚାୟତରେ ଥିବା ଭଞ୍ଜାଗୁଡ଼ା ଗ୍ରାମରେ।

୮୦ ପରିବାର ବସବାସ କରୁଥିବା ଏହି ଗ୍ରାମରେ ୨୮୦ ଜଣ ହିତାଧିକାରୀ ରହିଛନ୍ତି। ଗ୍ରାମବାସୀଙ୍କୁ ଖାଉଟି ସାମଗ୍ରୀ ବଣ୍ଟନ ନେଇ ତୋଟାଗୁଡ଼ାର ସୁବର୍ଣ୍ଣ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

ଏହି ଗୋଷ୍ଠୀ ଦାୟିତ୍ୱ ନେବା ପରେ ଆମେ ଖାଉଟି ସାମଗ୍ରୀ ଠିକ୍ ରୂପେ ପାଉନାହୁଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାର ହିତାଧିକାରୀଙ୍କୁ ଯୋଗାଇଦେଇଥିବା ୨ ମାସର ମାଗଣା ଚାଉଳ ଆମେ ପାଇନାହୁଁ। ସେହିପରି ଗ୍ରାମର ଭୀଷ୍ମ ଦଳପତି ୬ ମାସର, ବିଶ୍ୱନାଥ ଦଳପତି ୪ ମାସର ଚାଉଳ ପାଇ ନ ଥିବା ପ୍ରକାଶ କରିଛନ୍ତି। ଧବଳେଶ୍ୱର ଦଳପତି, ନିରଞ୍ଜନ ଦଳପତି, ଚିଙ୍ଗୁ ଦଳପତି, ନବି ଦଳପତି, ନୀଳ ଦଳପତି, ଖଗପତି ଦଳପତି, ମୋତି ଦଳପତି, ଭୀମ ଦଳପତି, ଘନ ଦଳପତି, ମୀନ ଦଳପତି, ଘାସି ଦଳପତି, ଭୋଗ ଦଳପତି, ଅଭି ଦଳପତି, ଖଗେଶ୍ୱର ଦଳପତି, ଗୁସା ଦଳପତି, ମୁକ୍ତା ନାୟକ, ଜାନକୀ ନାୟକଙ୍କ ସହ ଅନେକ ହିତାଧିକାରୀ ୨ ମାସରୁ ଆରମ୍ଭ କରି ୮ ମାସ ଯାଏ ଚାଉଳ ପାଇ ନ ଥିବା କହିଛନ୍ତି। ୧୩ ମାସ ତଳେ ଆମେ ପଞ୍ଚାୟତରୁ ଖାଉଟି ସାମଗ୍ରୀ ଠିକ୍ ଭାବେ ପାଉଥିଲୁ। ସ୍ୱୟଂ ସହାୟକ ଗୋଷ୍ଠୀ ଦାୟିତ୍ୱ ନେବା ପରଠାରୁ ବିଭ୍ରାଟ ହେଉଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ଏନେଇ ଯୋଗାଣ ନିରୀକ୍ଷକ, ବ୍ଲକ କର୍ତ୍ତୃପକ୍ଷଙ୍କୁ ଜଣାଇ କିଛି ସୁଫଳ ମିଳିନାହିଁ। ପଞ୍ଚାୟତରୁ ସାମଗ୍ରୀ ମିଳିଲେ ନେବେ ନ ହେଲେ ନାହିଁ ବୋଲି ପ୍ରକାଶ କରି ଏନେଇ ଆଗାମୀ ଦିନରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଯୋଗାଣ ନିରୀକ୍ଷକ ମମତା ବେହେରାଙ୍କୁ ପଚାରିବାରୁ ସେ କହିଲେ, ଆଗାମୀ ଦିନରେ ଗ୍ରାମବାସୀ ପଞ୍ଚାୟତରୁ ହିଁ ଖାଉଟି ସାମଗ୍ରୀ ପାଇବା ବ୍ୟବସ୍ଥା କରାଯିବ। ସରପଞ୍ଚ ଶରତ ମୁଦୁଲିଙ୍କୁ ପଚାରିବାରୁ ସ୍ୱୟଂ ସହାୟକ ଗୋଷ୍ଠୀ ଦାୟିତ୍ୱ ନେବା ପରଠାରୁ ଏପରି ସମସ୍ୟା ଉପୁଜୁଛି ବୋଲି କହିଥିଲେ।

# ପାରମ୍ପରିକ ବିହନ, କୃଷି ପଦ୍ଧତି ସମ୍ପର୍କିତ ତାଲିମ



ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ମହିଳାପୁରୁଷ ଚାଷୀ।

ମାଲକାନଗିରି,୧୪।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ବଡପଦର, ଦୋରାଗୁଡା, ନୂଆଗୁଡା କୋରୁକୋଣ୍ଡା ବ୍ଲକର ନାକାମାମୁଡି ପଞ୍ଚାୟତରେ ୱାସନ ସଂସ୍ଥା ପକ୍ଷରୁ ମହିଳା ପୁରୁଷ ଚାଷୀଙ୍କୁ ନେଇ ଚାଲିଥିବା ଛଅଦିନିଆ ତାଲିମ ଶିବିରର ବୁଧବାର ଉଦ୍‌ଯାପିତ ହୋଇ ଯାଇଛି। ଶିବିରରେ ପାରମ୍ପରିକ ବିହନ ଓ କୃଷି ପଦ୍ଧତିଗୁଡିକୁ ଅଧିବାସୀଙ୍କ ସହାୟତାରେ ନିରୂପଣ କରାଯାଇଛି। ପାରମ୍ପରିକ ଭୂମି ପ୍ରଜାତିର ସଂରକ୍ଷଣ ଓ କୃଷି କ୍ଷେତ୍ରରେ କୃଷକ ମାନଙ୍କୁ ଆହୁରି ପ୍ରୋତ୍ସାହନ ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଫଳରେ ଆଗାମୀ ଭବିଷ୍ୟତରେ କୃଷକମାନଙ୍କ ପାଖରେ ଏସବୁ ବିହନର ଅଭାବ ପରିଲକ୍ଷିତ ହେବନାହିଁ। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଧିକାରୀ ସୁରଜ ମହାନ୍ତି, ଏସ୍. ଅଭିଶେକ ମହାନ୍ତି, ମୁକ୍ତା କିସାନ, ସଂଯୁକ୍ତା ମଲ୍ଲିକ, ସୁଜଦନ ମଣ୍ଡଳ, ଡିପିଏମ୍ ରଘୁନାଥ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅଣାୟତ୍ତ ହେଉଛି ଡେଙ୍ଗୁ ସଂକ୍ରମଣ

ମାଲକାନଗିରି,୧୪।୯(ଡି.ଏନ.ଏ.)



ବେଡ୍ ଅଭାବରୁ ତଳେ ଶୋଇ ରୋଗୀ ଚିକିତ୍ସିତ ହେଉଛନ୍ତି।

- ଜିଲାରୁ ୬୨ ଡେଙ୍ଗୁ ରୋଗୀ ଚିହ୍ନଟ ହେଲେଣି
- ଚିତ୍ରକୋଣ୍ଡା, ମାଲକାନଗିରି ସହରରୁ ଅଧିକ ଡେଙ୍ଗୁ ରୋଗୀ
- ଜିଲାପାଳଙ୍କ ତତ୍ତ୍ୱାବଧାନରେ ବସିଲା ସ୍ୱତନ୍ତ୍ର ବୈଠକ

ମାଲକାନଗିରି ଜିଲାରେ ଅଣାୟତ ହେଲାଣି ଡେଙ୍ଗୁ। ପ୍ରଶାସନ ଅନେକ ପଦକ୍ଷେପ ନେବା ସତ୍ତ୍ୱେ ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମିଳିଥିବା ତଥ୍ୟ ଅନୁଯାୟୀ ଜିଲାରେ ଗତ ଜୁଲାଇରେ ୩୪ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଅଗଷ୍ଟରେ ୬୨ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜଣାପଡଛି। ତେବେ ଏହା ସରକାରୀ ତଥ୍ୟ ହୋଇଥିବା ବେଳେ ପ୍ରକୃତରେ ଏହି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଆହୁରି ଅଧିକ ହୋଇଥିବା ଅନୁମାନ କରାଯାଉଛି। ଏତେ ସଂଖ୍ୟକ ରୋଗୀ ଚିହ୍ନଟ ହେବାପରେ ବର୍ତ୍ତମାନ ମାଲକାନଗିରି ସଦର ମହକୁମା ମୁଖ୍ୟ ଚିକିତ୍ସାଳୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗଛି। ଡେଙ୍ଗୁ ୱାର୍ଡରେ ରୋଗୀଙ୍କ ପାଇଁ ଆଇସୋଲେସନ ୱାର୍ଡରେ ୮ଟି ବେଡ ରହିଥିବା ବେଳେ ବେଡ୍ ଅଭାବରୁ ତଳେ ଶୋଇ ରୋଗୀ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ହେଉଥିବାରୁ ଆଉ ଦୁଇଟି ୱାର୍ଡ ଖୋଲାଯାଇଛି। ସେଥିରେ ୫ଟି ବେଡ ରହିଛି। ବେଡ ଥିଲେ ମଧ ଆବଶ୍ୟକ ରୁମ ନ ଥିବାରୁ ରୋଗୀଙ୍କୁ ତଳେ ଶୁଆଇ ଚିକିତ୍ସା ଯୋଗାଇବାକୁ ପଡୁଛି। ବର୍ତ୍ତମାନ ସୁଦ୍ଧା ଚିକିତ୍ସାଳୟରେ ୨୭ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ମୁଖ୍ୟତଃ ଚିତ୍ରକୋଣ୍ଡା ଓ ମାଲକାନଗିରି ସହରରୁ ଅଧିକ ଡେଙ୍ଗୁ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡେଙ୍ଗୁ ବ୍ୟାପିବା ନେଇ ଭୟଭୀତ ନ ହେବାକୁ ପରାମର୍ଶ ଦେଇଛନ୍ତି ଗ୍ରାମଗୁଡିକରେ ଲୋକେ ମଶାରି ବ୍ୟବହାର କରିବା ସହ ପରିବେଶକୁ ସଫା ରଖିବା ପାଇଁ ସଚେତନ କରାଯାଉଛି। ଏଥିରେ ସ୍ୱାସ୍ଥ୍ୟ ବିଭାଗକୁ ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର ପରିଷଦ ସହଯୋଗ କରୁଛନ୍ତି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ ଆଇସୋଲେଶନ ୱାର୍ଡ ବଢାଯାଇ ବେଡ ସଂଖ୍ୟା ବଢାଇବାକୁ ହସ୍ପିଟାଲ ସୁପରିଟେଣ୍ଡେଣ୍ଟଙ୍କୁ କୁହାଯାଇଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଡେଙ୍ଗୁ ରୋକିବା ନେଇ ଜିଲାପାଳ ବିଶାଳ ସିଂଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଟିମ୍ ଗଠନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଅର୍ଥ ସାଜିଛି ପ୍ରତିବନ୍ଧକ, ପାର୍ବତୀଙ୍କ ପାଠପଢ଼ା ଅଧାରୁ ବନ୍ଦ

ବୈପାରିଗୁଡ଼ା,୧୪।୯(ଡି.ଏନ୍.ଏ.)



ଜେଜେମା' ଜେଜେବାପାଙ୍କ ଗହଣରେ ପାର୍ବତୀ।

ଆଦିବାସୀ ଝିଅ ପାର୍ବତୀ ପୂଜାରୀ (୧୦)। ଘର ବୈପାରିଗୁଡ଼ା ବ୍ଲକ ମାଠପଡ଼ା ପଞ୍ଚାୟତର ବାଣୁଆଗୁଡ଼ା ଗ୍ରାମରେ। ଚଳିତ ବର୍ଷ ମାଠପଡ଼ା ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସହାୟତା ନ ମିଳିବାରୁ ତାଙ୍କ ପାଠପଢ଼ାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ପାଠ ପଢ଼ି ନିଜ ଭବିଷ୍ୟତ ଗଢ଼ିବାକୁ ଲକ୍ଷ୍ୟ ରଖିଥିବା ପାର୍ବତୀ ଏନେଇ ମାନସିକ ସ୍ତରରେ ଭାଙ୍ଗି ପଡ଼ିଛନ୍ତି।

ପାର୍ବତୀଙ୍କ ବୟସ ଯେତେବେଳେ ମାତ୍ର ବର୍ଷେ ହୋଇଥିଲା ମା' ପରକରି ଅନ୍ୟତ୍ର ଘର ସଂସାର କରିବାକୁ ଚାଲିଗଲେ। ୨ ବର୍ଷ ପରେ ବାପା ତ୍ରିନାଥ ପୂଜାରୀ ମଧ ଆଖି ବୁଜିଲେ। ଏବେ ଜେଜେବାପା ଡମ୍ବରୁ ପୂଜାରୀ ଏବଂ ଜେଜେମା ମଣିମା ପୂଜାରୀଙ୍କ ପାଖରେ ପାର୍ବତୀ ଅଛନ୍ତି। ଜେଜେ ମା' ପକ୍ଷାଘାତ ରୋଗରେ ପୀଡ଼ିତ। ମୂଲ ମଜୁରି ଲାଗୁଥିବା ଏହି ବୃଦ୍ଧ ଦମ୍ପତି ଆଉ ଖଟିପାରୁ ନାହାନ୍ତି। ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ଉଭୟେ ଯାହା ପାଉଛନ୍ତି ସେତିକିରେ ପରିବାର ଚଳେଇବା କଷ୍ଟକର ହୋଇପଡୁଛି। ପାର୍ବତୀ ପଞ୍ଚମ ଶ୍ରେଣୀ ପାସ୍ କରିବା ପରେ ତାଙ୍କର ଅଧିକ ପଢ଼ିବାକୁ ଆଗ୍ରହ ରହିଛି। ମାତ୍ର କେଉଁଠାରୁ ସହାୟତା ମିଳୁ ନ ଥିବାରୁ ତାଙ୍କ ପାଠପଢ଼ା ଅଟକିଛି। ନାତୁଣୀର ପାଠପଢ଼ାରେ ଆଗ୍ରହ ଦେଖି ବ୍ଲକର ବାଲିଗାଁସ୍ଥିତ ମଙ୍ଗଳ ବିଭାଗର ବାଳିକା ଆବାସିକ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଜେଜେ ଓ ଜେଜେ ମା' ଅନୁରୋଧ କରିଛନ୍ତି। ମାତ୍ର ସେଠାରେ ସିଟ୍ ନ ଥିବା ପ୍ରଧାନ ଶିକ୍ଷକ କହୁଛନ୍ତି। ଆଦିବାସୀଙ୍କ ଶିକ୍ଷାର ଉନ୍ନତି ପାଇଁ ସରକାର ଅନେକ ଯୋଜନା କରୁଥିବା ବେଳେ ପାର୍ବତୀଙ୍କ ପରି ମାଆବାପା ଛେଉଣ୍ଡି ଝିଅ ଶିକ୍ଷାରୁ ବଞ୍ଚିତ ହେବା ସାଧାରଣରେ ନାପସନ୍ଦ କରାଯାଇଛି। ଏ ସମ୍ପର୍କରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲିଙ୍କୁ ପଚାରିବାରୁ ସେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରିବେ ବୋଲି ପ୍ରକାଶ କରିଛନ୍ତି।

# କୋରାପୁଟରେ ବିଧାନସଭା ଷ୍ଟାଣ୍ଡିଂ ଗୃହ କମିଟିର ସମୀକ୍ଷା

## ବିଧାୟକ ପାଣ୍ଠିର ଖର୍ଚ୍ଚ ଉପରେ ହେଲା ଆଲୋଚନା



ସଦ୍‌ଭାବନା ଗୃହରେ ଚାଲିଥିବା ଷ୍ଟାଣ୍ଡିଂ କମିଟି ବୈଠକ।

 କୋରାପୁଟ,୧୪।୯(ସ୍ୱ.ପ୍ର.)

### ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟକୁ ବିରୋଧ

କୋରାପୁଟସ୍ଥିତ ଡିଆରଡିଏ ସଦ୍‌ଭାବନା ସଭାଗୃହରେ ରାଜ୍ୟ ବିଧାନସଭା ଷ୍ଟାଣ୍ଡିଂ ଗୃହ କମିଟିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଷ୍ଟାଣ୍ଡିଂ କମିଟି ଅଧକ୍ଷ ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ପ୍ରଫୁଲ୍ଲ ସାମଲ, ବିଧାୟକ ଦାଶରଥି ଗମାଙ୍ଗ, ବିଧାୟକ ଅଙ୍ଗଦ କହଁର ପ୍ରମୁଖ ୪ ଜଣିଆ ଟିମ୍ ଆସିଥିଲେ। ବୈଠକରେ ୨୦୨୧-୨୨ ଆର୍ଥିକ ବର୍ଷରେ ବିଧାୟକ ପାଣ୍ଠିର ଖର୍ଚ୍ଚ ଉପରେ ବିସ୍ତୃତ ଭାବେ ସମୀକ୍ଷା ହୋଇଥିଲା। ଜିଲାପାଳ ଅବଦାଲ ଏମ୍. ଅଖତାର, କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି, ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ରାଜେନ୍ଦ୍ର ମାଝିଙ୍କ ସମେତ କୋରାପୁଟ ଓ ଜୟପୁର ଉପଜିଲାପାଳ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କ ଗସ୍ତ ପରେ ପୁଣି ରାସ୍ତା ବେହାଲ

ସେମିଳିଗୁଡା/ସୁନାବେଡା,୧୪।୯ (ସ୍ୱ.ପ୍ର.)

ପୂର୍ତ୍ତ ବିଭାଗ ଅଧୀନରେ ସେମିଳିଗୁଡାଠାରୁ ନନ୍ଦପୁର ରୋଡ ରାସ୍ତା ରହିଛି। ଅସରାଏ ବର୍ଷାରେ ରାସ୍ତା ଅବସ୍ଥା ବେହାଲ ହୋଇଯାଉଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଏ ନେଇ ବାରମ୍ବାର ଖବର ପ୍ରସାରଣ ପରେ ମଧ ବିଭାଗ ଶୁଣୁନାହିଁ। ତେବେ ଶନିବାର ରାଜ୍ୟପାଳଙ୍କ ଗସ୍ତ ଥିବାରୁ ପୂର୍ତ୍ତ ବିଭାଗ ତରବରିଆ ଭାବେ ରାସ୍ତା ମରାମତିରେ ଲାଗି ପଡିଥିଲା। ଖାଲଢିପ ଥିବା ପିଚୁ ରାସ୍ତା ଉପରେ ବିଭାଗୀୟ ଅଧିକାରୀଙ୍କ ପରାମର୍ଶକ୍ରମେ ମାଟି ଓ କିଛି ସ୍ଥାନରେ ପିଚୁ ପକାଇ ସମ୍ପୃକ୍ତ ରାସ୍ତାକୁ ସମାନ କରାଯାଇଥିଲା। ତେବେ ମାଟି ଓ ପିଚୁରେ ପୂରଣ ହୋଇଥିବା ରାସ୍ତା ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଧୋଇଯାଇ ପୁଣି ପୂର୍ବ ଅବସ୍ଥାକୁ ଫେରି ଆସିଛି। ରାସ୍ତା ପାର୍ଶ୍ୱରେ ବହୁ ସରକାରୀ କାର୍ଯ୍ୟାଳୟ ସହିତ ପୋଲିସ ଥାନା, ଆରଆଇ ସହ ଅନ୍ୟାନ୍ୟ ଅଫିସ୍ ରହିଥିଲେ ମଧ ପୂର୍ତ୍ତ ବିଭାଗ ଉକ୍ତ ରାସ୍ତା ପ୍ରତି ଗୁରୁତ୍ୱ ଦେଉନାହିଁ। ରାସ୍ତାର ସ୍ଥାୟୀ ମରାମତି ପାଇଁ ଦାବି ହେଉଛି।

## ସଂକ୍ଷେପରେ

### ସ୍ୱର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

**ନବରଙ୍ଗପୁର,୧୪।୯(ବି.ପ୍ର.):** ନବରଙ୍ଗପୁର କଲେଜର ସ୍ୱର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ ମିଶନ ଶକ୍ତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ସଦନ ନାୟକଙ୍କ ଉପସ୍ଥିତିରେ ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ କରାଯାଇଛି। ସ୍ୱର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ କେତେ ଟଙ୍କା ଖର୍ଚ୍ଚ ହେବ, କିଭଳି ସୁରୁଖୁରରେ ସମସ୍ତ କାର୍ଯ୍ୟକ୍ରମ ପାଳନ କରାଯିବ, ଆୟ ବ୍ୟୟର ଏକ ଅଟକଳ ବିଷୟରେ ବିସ୍ତୃତ ଭାବରେ ସମୀକ୍ଷା କରାଯାଇଥିଲା। ସ୍ୱର୍ଣ୍ଣ ଜୟନ୍ତୀ ପାଳନରେ ଅର୍ଥାଭାବ ହେବ ନାହିଁ ବୋଲି ଏମ୍‌ପି, ବିଧାୟକ ଆଶ୍ୱାସନା ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ମହାବିଦ୍ୟାଳୟ ଅଧ୍ୟକ୍ଷ ଭାସ୍କରନାଥ ବିଶ୍ୱାଳ,ଆଲୁମ୍ନି କୋର୍ କମିଟି ଆବାହକ ଗଣେଶ ଦାଶ, ସହ ଆବାହକ ସଙ୍ଗୀତା ତ୍ରିପାଠୀ, ଦିଲୀପ କୁମାର ହୋତା, ଆଇନ ପରାମର୍ଶଦାତା ନରସିଂହ ତ୍ରିପାଠୀ, ଆଲୁମ୍ନି କାର୍ଯ୍ୟକାରୀ କମିଟିର ସଦସ୍ୟ କିଶୋର ପଟ୍ଟନାୟକ, ଶିବଶଙ୍କର ତ୍ରିପାଠୀ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଉମାଶଙ୍କର ତ୍ରିପାଠୀଙ୍କ ସହ ମହାବିଦ୍ୟାଳୟର ବହୁ ପୁରାତନ ଛାତ୍ର ଉପସ୍ଥିତ ଥିଲେ।

### ତେନ୍ତୁଳି ଚାଷ ପ୍ରଶିକ୍ଷଣ ଶିବିର

**ଗୁଣପୁର,୧୪।୯(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଗୁଣପୁର କୃଷିବିଜ୍ଞାନ କେନ୍ଦ୍ରରେ ତେନ୍ତୁଳିଚାଷ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଗୋଟିଏ ଜିଲା ଗୋଟିଏ ଫସଲ ଅଧୀନ ପିଏମ୍‌ଏଫ୍‌ଏମ୍‌ଇ ଯୋଜନାରେ ତେନ୍ତୁଳି ଚାଷକୁ ମୁଖ୍ୟ ଫସଲ ହିସାବରେ ଚୟନ କରାଯାଇଛି। କାର୍ଯ୍ୟକ୍ରମ ଜରିଆରେ ଜିଲାରେ ତେନ୍ତୁଳିର ଅଧିକ ଉତ୍ପାଦନ ଏବଂ ଠିକ୍ ଦରରେ ବଜାର ବ୍ୟବସ୍ଥା କରାଇବା ଲକ୍ଷ୍ୟ। କାର୍ଯ୍ୟକ୍ରମଟି ଆଇଟିସି ଏବଂ ମାସର ଆନୁକୂଲ୍ୟରେ ହୋଇଥିଲା। କାର୍ଯ୍ୟକ୍ରମରେ ବୈଜ୍ଞାନିକ ମଧୁମିତା ଷଡ଼ଙ୍ଗୀ, ଅମିତ କୁମାର ମାଝି, ଫରେଷ୍ଟର ଶିବାନୀ ପାତ୍ର ଚାଷୀଙ୍କୁ ତାଲିମ ଦେଇଛନ୍ତି। ଦେବେନ୍ଦ୍ର ଗୌଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭୀମ ଭୋଇ ଭିନ୍ନକ୍ଷମ ସ୍ୱାସ୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ

**ତେନ୍ତୁଳିଖୁଣ୍ଟି, ୧୪।୯(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୨୦ ତାରିଖରେ ଏହି ଶିବିର ଅନୁଷ୍ଠିତ ହେବ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମୁନୁ ପାତ୍ର ଜନପ୍ରତିନିଧିଙ୍କୁ ନିଜ ଅଞ୍ଚଳର ଲୋକଙ୍କୁ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ଅବଗତ କରିବାକୁ କହିଥିଲେ। ବର୍ତ୍ତମାନ ସୁଦ୍ଧା ୪୧୪ ଜଣ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଆବେଦନ କରିଛନ୍ତି। ଅଙ୍ଗନୱାଡ଼ି, ଆଶାକର୍ମୀ ଓ ୱାର୍ଡ ସଭ୍ୟଙ୍କୁ ନେଇ ଏକ କମିଟି ପଞ୍ଚାୟତସ୍ତରରେ ଗଠନକରି ଭତ୍ତା ସମ୍ବନ୍ଧୀୟ ଅଭିଯୋଗ ଡକ୍ୟୁମେଣ୍ଟ ସଂଗ୍ରହକରି ବ୍ଲକ ସାମାଜିକ ସଙ୍ଗଠନ ଅଧିକାରୀଙ୍କ ମାଧ୍ୟମରେ ସମାଧାନ କରିବାକୁ ବୈଠକରେ ଆଲୋଚନା ହୋଇଛି। କାର୍ଯ୍ୟକ୍ରମରେ ଏବିଇଓ ମୋହନ ମଧୁସୂଦନ ବାଘ, ଏବିଡିଓ ଦିଲୀପ ପ୍ରଧାନୀ, ମଞ୍ଚଗାଁ ସରପଞ୍ଚ ସଦା ସାନ୍ତା ,ପି.ବାରଙ୍ଗ ପଦର ସରପଞ୍ଚ ବନ୍ଦିତା ନାୟକ, ଝରିଗୁମ୍ମା ସରପଞ୍ଚ ମୋହନ ଦଳପତି, ଦିଗି ସରପଞ୍ଚ କିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ। ଶବିର କୁମାର ବାଘ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଖବରଦାତାଙ୍କୁ ଏଏସ୍‌ପିଙ୍କ ମାଡ଼ ଅଭିଯୋଗ

**ପାପଡ଼ାହାଣ୍ଡି/ନବରଙ୍ଗପୁର, ୧୪।୯(ଡି.ଏନ୍.ଏ./ବି.ପ୍ର.)**



ଏଏସ୍‌ପି ଜୟକୃଷ୍ଣ ବେହେରା ଖବରଦାତାଙ୍କୁ ଆକ୍ରମଣ କରୁଛନ୍ତି।

**ପାପଡ଼ାହାଣ୍ଡି ଥାନା ଆଗରେ ଗଣମାଧ୍ୟମ ପ୍ରତିନିଧିଙ୍କ ଧାରଣା**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିରେ ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କୁ ଟଣାଓଟରା କରି ଘରୁ ଉଠାଇ ନେଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ତାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ବୁଧବାର ଏହି ଖବର ସଂଗ୍ରହ କରିବାକୁ ଯାଇଥିବା ଖବରଦାତାଙ୍କୁ ଏସ୍‌ପି ଦାୟିତ୍ୱରେ ଥିବା ଏଏସ୍‌ପି ଜୟକୃଷ୍ଣ ବେହେରା ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ ସ୍ୱରୂପ ପାପଡ଼ାହାଣ୍ଡି ବ୍ଲକ ସମେତ ସମଗ୍ର ନବରଙ୍ଗପୁର ଜିଲାର ଗଣମାଧ୍ୟମ ପ୍ରତିନିଧି ପାପଡ଼ାହାଣ୍ଡି ଥାନାରେ ଧାରଣାରେ ବସିଥିଲେ। ଏ ନେଇ ଆକ୍ରମଣର ଶିକାର ହୋଇଥିବା ୩ ଖବରଦାତା ପାପଡ଼ାହାଣ୍ଡି ଥାନାରେ ଏତଲା ଦେଇଥିଲେ। କାର୍ଯ୍ୟାନୁଷ୍ଠାନର ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପରେ ଖବରଦାତାମାନେ ରାତିରେ ଧାରଣାରୁ ହଟିଛନ୍ତି।

ସୂଚନାଯୋଗ୍ୟ, ବରଗଡ଼ ଜିଲାର ଜଣେ ଯୁବତୀଙ୍କର ପାପଡ଼ାହାଣ୍ଡି ଅଞ୍ଚଳର ଓମ୍‌ପ୍ରକାଶ ଜ୍ଞାନଚାନ୍ଦ ଦାସଙ୍କ ସହ ୧୪ବର୍ଷ ହେଲା ପ୍ରେମ ସମ୍ପର୍କ ଥିଲା। ପରବର୍ତ୍ତୀ ସମୟରେ ପରିବାର ଲୋକେ ଯୁବତୀଙ୍କ ଅନ୍ୟଜଣେ ଯୁବକଙ୍କ ସହ ବିବାହ କରାଇଥିଲେ। ତେବେ ବିବାହ ପରେ ମଧ ମହିଳା ଜଣକ ନିଜ ଇଚ୍ଛାରେ ପ୍ରେମିକ ଓମ୍‌ପ୍ରକାଶଙ୍କ ସହ ତାଙ୍କ ପାପଡ଼ାହାଣ୍ଡି ସ୍ଥିତ ଘରକୁ ଚାଲି ଆସିଥିଲେ। ଏ ନେଇ ମହିଳାଙ୍କ ସ୍ୱାମୀ ଏବଂ ତାଙ୍କ ବାପଘର ପକ୍ଷରୁ ନିଖୋଜ ନେଇ ଥାନାରେ ଏତଲା ଦିଆଯାଇଥିଲା। ପରେ ଉଭୟ ପ୍ରେମିକା ଏବଂ ପ୍ରେମିକ ନବରଙ୍ଗପୁର ଏସ୍‌ପି ଏସ୍. ସୁଶ୍ରୀ ଏବଂ ଏସ୍‌ଡିପିଓଙ୍କ ପାଖରେ ପହଞ୍ଚି ଉଭୟେ ଏକାଠି ରହିବାକୁ ସହମତି ଜଣାଇଥିଲେ। ବୁଧବାର ମହିଳା ଜଣକ ଘରେ ଏକାଥିବା ସମୟରେ ତାଙ୍କର କେତେଜଣ ସମ୍ପର୍କୀୟ ଆସି ଜୋର ଜବରଦସ୍ତ ତାଙ୍କୁ ଘରୁ ନେଇଯାଇଥିଲେ। ଏ ନେଇ ଓମ୍‌ପ୍ରକାଶଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ମହିଳାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ବରଗଡ଼ ପଠାଇବାକୁ ଉଦ୍ୟମ କରାଯିବାରୁ ପରିସ୍ଥିତି ଅଶାନ୍ତ ହୋଇଥିଲା। ମହିଳା ଯିବାକୁ ରାଜି ହୋଇ ନ ଥିଲେ। ପରେ ଏଏସ୍‌ପି ଜୟକୃଷ୍ଣ ବେହେରା ପହଞ୍ଚି ତାଙ୍କୁ ଜୋର ଜବରଦସ୍ତ ଥାନାରୁ ନେବା ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ଖବର ସଂଗ୍ରହ କରୁଥିଲେ। ଏହି ସମୟରେ ଏଏସ୍‌ପି ଖବରଦାତା ସୁମିତ ଘଣ୍ଟ, ପ୍ରବୀଣ ଶତନାମୀ ଏବଂ ଓମ୍‌ପ୍ରକାଶ କରମଚାନ୍ଦ ଦାସଙ୍କୁ ପାଇପ୍‌ରେ ଆକ୍ରମଣ କରିଥିଲେ। ଖବରଦାତା ବୋଲି ପରିଚୟ ଦେବା ପରେ ମଧ ଦୁର୍ବ୍ୟବହାର କରିଥିଲେ। ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ୍ସ(ଓୟୁଜେ)ର ଜିଲା ସଭାପତି ସୁଶାନ୍ତ ବେହେରାଙ୍କ ନେତୃତ୍ୱରେ ପ୍ରତିବାଦ କରାଯାଇଛି। ଏଏସ୍‌ପି ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ କ୍ଷମା ମାଗନ୍ତୁ ବୋଲି ଦାବି ହୋଇଛି। ଏ ନେଇ ଅତିରିକ୍ତ ଏସ୍‌ପି ଜୟକୃଷ୍ଣ ବେହେରାଙ୍କୁ ପଚାରିବାରୁ, ଖବରଦାତାଙ୍କ ସହ ତାଙ୍କର କୌଣସି ମତାନ୍ତର ନାହିଁ। ଖବରଦାତାମାନଙ୍କୁ ଚିହ୍ନି ନ ପାରି ମାଡ଼ ମାରିଥିବା ସେ ସଫେଇ ଦେଇଛନ୍ତି। ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗକୁ ନେଇ ବରଗଡ଼ ଏସ୍‌ପି ମହିଳାଙ୍କୁ ଉଦ୍ଧାର କରି ବରଗଡ଼ ପଠାଇବା ପାଇଁ କହିଥିଲେ। ନବରଙ୍ଗପୁର ଏସ୍‌ପି, ବରଗଡ଼ ଏସ୍‌ପି ଓ ଡିଆଇଜିଙ୍କ ସହ ଆଲୋଚନା କରି ଗାଡ଼ିରେ ଫୋର୍ସ ସହ ମହିଳାଙ୍କୁ ପଠାଇବା ବ୍ୟବସ୍ଥା କରାଯାଇଥିଲା। ମହିଳାଙ୍କୁ ବରଗଡ଼ ନେବାକୁ ପ୍ରସ୍ତୁତି ଚାଲିଥିବାବେଳେ ପ୍ରବଳ ଭିଡ଼ ହେବା ସହ ପ୍ରେମିକ ଓମ୍‌ପ୍ରକାଶଙ୍କ କେତେଜଣ ବ୍ୟକ୍ତି ଏହାର ପ୍ରତିବାଦ କରି ଅଟକାଇବାକୁ ଚେଷ୍ଟା କରିଥିଲେ। ଶାନ୍ତିଶୃଙ୍ଖଳା ଏବଂ ସୁରକ୍ଷା ଦୃଷ୍ଟିରୁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା ବୋଲି ଏଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ରାତିରେ ନବରଙ୍ଗପୁର ଏଡିଏମ୍ ଭାସ୍କର ରଇତ ତହସିଲଦାର ଯୋଗେଶ୍ୱର ଭୋଇ, ଏସ୍‌ଡିପିଓ ଆଦିତ୍ୟ ସ୍ୱାଇଁ, ପାପଡ଼ାହାଣ୍ଡି ଥାନା ଅଧିକାରୀ ରାମେଶ୍ୱର ପ୍ରଧାନ ପହଞ୍ଚି ଧାରଣାରେ ବସିଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଗଣମାଧ୍ୟମ ପ୍ରତିନିଧି ଏଡିଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଏଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏସ୍‌ପି ଛୁଟିରେ ଥିବାବେଳେ ସେ ଫେରିବା ପରେ ଏ ନେଇ ନିଶ୍ଚୟ ପଦକ୍ଷେପ ନିଆଯିବ ବୋଲି ଏଡିଏମ୍ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଖବରଦାତାମାନେ ଧାରଣାରୁ ହଟିଛନ୍ତି। ଘଟଣା ନେଇ ଜିଲାପାଳ କମଳ ଲୋଚନ ମିଶ୍ରଙ୍କୁ ମଧ ଫୋନ୍‌ରେ ଅବଗତ କରାଯାଇଛି। ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ଘଟଣା ନେଇ ପୋଲିସ ଡିଜିଙ୍କୁ ମଧ ଜଣାଇଛନ୍ତି। ୨୧ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଖବରଦାତାମାନେ ଚେତାବନି ଦେଇଛନ୍ତି।

## ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ସଶ୍ରମ କାରାଦଣ୍ଡ

**ଉମରକୋଟ,୧୪।୯(ସ୍ୱ.ପ୍ର.)**

ଏକ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଉମରକୋଟ ଅତିରିକ୍ତ ଜିଲା ଦୌରାଜଜ୍ ସୁନିଲ କୁମାର ଦାସ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବେହେଡ଼ା ପଞ୍ଚାୟତ ଅଞ୍ଚଳରେ ୨୦୧୨ ଫେବୃୟାରୀ ୫ ସନ୍ଧ୍ୟାରେ ଗାଁର ଜଣେ ବାଳିକା ସେହି ଗ୍ରାମର ଏକ ଦୋକାନକୁ ଯାଇ ଔଷଧ କିଣି ଘରକୁ ଫେରିବା ବାଟରେ କୋପେନା ଗ୍ରାମର ଲକ୍ଷ୍ମଣ ହରିଜନ ପଛ ଆଡୁ ଆସି ତାଙ୍କ ପାଟି ବନ୍ଦକରି ନିକଟସ୍ଥ ଜମିକୁ ଟାଣିନେଇ ରାତି ୧୧ ଟା ପର୍ଯ୍ୟନ୍ତ ତାଙ୍କ ସହ ବଳାତ୍କାର କରି ଛାଡ଼ି ପଳାଇଥିଲେ। ନାବାଳିକା ଘରକୁ ଆସି ଘରେ ସମସ୍ତ ବିଷୟ ଜଣାଇଥିଲେ। ୨୦୧୨ ଫେବୃୟାରୀ ୬ ରେ ନାବାଳିକାଙ୍କ ବାପା ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତ ଲକ୍ଷ୍ମଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୩୭୬/୩୦୬ ରେ ମକଦ୍ଦମା ରୁଜୁ ହୋଇଥିଲା। ଲୋକଲଜ୍ଜା ସହି ନ ପାରି ଫେବୃୟାରୀ ୧୫ ରେ ନାବାଳିକା ଆତ୍ମହତ୍ୟା କରିଥିଲେ। କିଛି ଦିନ ଜେଲରେ ରହିବା ପରେ ଲକ୍ଷ୍ମଣ ବେଲ୍‌ରେ ଆସିଥିଲେ। ୧୮ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉମରକୋଟ ଜିଲା ଦୌରାଜଜ୍ ସୁନିଲ କୁମାର ଦାଶ ଅଭିଯୁକ୍ତଙ୍କ ବିରୋଧରେ ୧୦ ବର୍ଷ ଜେଲଦଣ୍ଡ ଓ ୫୦୦୦ ଟଙ୍କା ଜରିମାନା ଦଣ୍ଡ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଏବଂ ଧାରା ୩୦୬ରେ ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦୦୦ ଟଙ୍କା ଜରିମାନା ଦଣ୍ଡ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଶୁଣାଇଛନ୍ତି। ସରକାରୀ ଓକିଲ ଝାଡ଼େଶ୍ୱର ମହାନ୍ତି ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

# ଉମରକୋଟରେ ସର୍ବଦଳୀୟ ଶାନ୍ତି ବୈଠକ



ଶାନ୍ତି କମିଟି ବୈଠକରେ ଉପସ୍ଥିତ ନେତାମାନେ।

**ଉମରକୋଟ,୧୪।୯(ସ୍ୱ.ପ୍ର.)**

- ରାସ୍ତାପାର୍ଶ୍ୱରେ ମୃତଦେହ କବର ଦେବା ଘଟଣା
- ଖ୍ରୀଷ୍ଟିଆନ ସମ୍ପ୍ରଦାୟକୁ ନିର୍ବିବାଦୀୟ ଶ୍ମଶାନ ଜମି ଯୋଗାଇ ଦିଆଯିବ

ଉମରକୋଟ ସହରରେ ଏକ ଅଣହିନ୍ଦୁ ସମ୍ପ୍ରଦାୟର ଝିଅର ମୃତ୍ୟୁ ଓ ପରେ ତାଙ୍କ ମୃତଦେହ କବର ଦେବା ଘଟଣାକୁ ନେଇ ଉମରକୋଟରେ ଗତ ୯ ତାରିଖରେ ଘଟିଥିବା ତୁମୁଳକାଣ୍ଡ ପରେ ଭବିଷ୍ୟତରେ ଏପରି ଘଟଣା ଯେପରି ନ ଘଟେ ସେଥିପାଇଁ ବୁଧବାର ପ୍ରଶାସନ ପକ୍ଷରୁ ସର୍ବଦଳୀୟ ଶାନ୍ତି କମିଟି ବୈଠକ ଉମରକୋଟ ବ୍ଲକ ସମ୍ମିଳନୀ କକ୍ଷରେ ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଇଯାଇଛି।

ବୈଠକରେ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ପୌରାଧ୍ୟକ୍ଷା ରାଧା ଭତ୍ରା, ବ୍ଲକ ଉପାଧ୍ୟକ୍ଷ ଶ୍ୟାମଳ ସରକାର, ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସ, ଉମରକୋଟ ତହସିଲଦାର ଏନ୍. ଜଗତ ଜୀବନ ଚୌଧୁରୀ, ଅତିରିକ୍ତ ତହସିଲଦାର ଉମେଶ ପୂଜାରୀ, ଅର୍‌ଆଇ ଶିବାନନ୍ଦ ରାଉତ,ଏସଡିପିଓ ଶୁଭେନ୍ଦୁ କୁମାର ଶବର, ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି, ଉମରକୋଟ ଆଇଆଇସି ଦୀପକ କୁମାର ଜେନା, ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ କୁମାର ପାଢ଼ୀ, ବିଧାୟକଙ୍କ ପ୍ରତିନିଧି ଅଶୋକ ପାଢ଼ୀ ପ୍ରମୁଖ ରହିଥିଲେ। ବୈଠକରେ ଓକିଲ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ନଗରପାଳ ଝାଡ଼େଶ୍ୱର ମହାନ୍ତି, ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ସୁରେଶ କୁମାର ଆଚାର୍ଯ୍ୟ, ରାମ ନାୟକ, ଗୁଲୁ ସାହୁ ରହିଥିବା ବେଳେ ବିଜେଡିର ନଗର ସଭାପତି କୈଳାସ ନାୟକ, ଦେବୀସିଂ ମାଝି ରହିଥିଲେ। ଅନ୍ୟପକ୍ଷରେ ସଲିମ ରାଠୋର, ପବିତ୍ର ଗରଡ଼ା, ବଣିକ ସଂଘ ସଭାପତି ଦ୍ୱାରିକାନାଥ ପାଣିଗ୍ରାହୀ, ଦୁର୍ଗା ପ୍ରସାଦ ମଲିକ, ସଞ୍ଜୟ ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ନିଜନିଜ ମତ ରଖିଥିଲେ। ଏଥିରେ ସହରର ବିଭିନ୍ନ ସମ୍ପ୍ରଦାୟର ପ୍ରତିନିଧି ମଧ ଉପସ୍ଥିତି ଥିବାବେଳେ ହିନ୍ଦୁ ସଙ୍ଗଠନର ପ୍ରତିନିଧି ମାନେ ଅନୁପସ୍ଥିତ ଥିଲେ। ସେମାନଙ୍କୁ ବୈଠକକୁ ଡକା ନ ଯିବାକୁ ନେଇ ଅନ୍ୟ ସଦସ୍ୟମାନେ ଆପତ୍ତି ଉଠାଇଥିଲେ। ବୈଠକ ରେ ୧୦ ତାରିଖ ଦିନ ପୋଲିସର ଲାଠିଚାର୍ଜ ଓ ଅତ୍ୟଧିକ ବଳ ପ୍ରୟୋଗକୁ ନେଇ ସହରବାସୀଙ୍କ ପକ୍ଷରୁ ପ୍ରତିନିଧିମାନେ ପ୍ରଶାସନ ନିକଟରେ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ସମସ୍ତ କାଉନସିଲର, ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଫିରୋଜ ଖରା ଓ କିଛି ପ୍ରତିନିଧି ମଧ ଉପସ୍ଥିତ ଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଗୁରୁବାର ଦିନ ୧୨ଟା ସୁଦ୍ଧା ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକଙ୍କୁ ନିର୍ବିବାଦୀୟ ଶ୍ମଶାନ ଜମି ଯୋଗାଇ ଦିଆଯିବ ବୋଲି ଉପଜିଲାପାଳ କହିଛନ୍ତି। ଏଥିସହ ଶ୍ମଶାନ ପାଇଁ ଜମି ମିଳିଗଲେ ପୋତା ହେବା ସ୍ଥାନରୁ ମୃତଦେହ ବାହାର କରି ନୂତନ ଶ୍ମଶାନରେ ମୃତଦେହ ପୋତାଯିବ ବୋଲି ଖ୍ରୀଷ୍ଟିଆନ ସମ୍ପ୍ରଦାୟର ପ୍ରତିନିଧି ମାନେ କହିଛନ୍ତି। ବୈଠକରେ ସମସ୍ତ କାଉନସିଲର, ଆଇନଜୀବୀ, ଖବରଦାତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଭୂମିହୀନ ଦିବ୍ୟାଙ୍ଗଙ୍କୁ ଜମିପଟ୍ଟା ଯୋଗାଣ ଦାବି

**ଜିଲା 'ସକ୍ଷମ' ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର**

**ରାୟଗଡ଼ା ଅଫିସ, ୧୪।୯**

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ରାୟଗଡ଼ା ଗସ୍ତବେଳେ ଜିଲା ସକ୍ଷମ ପକ୍ଷରୁ ଏକ ପ୍ରସ୍ତାବପତ୍ର ତାଙ୍କୁ ପ୍ରଦାନ କରାଯାଇଛି। ଏସ୍‌ଏସ୍‌ଇ ପିଡି, ଜିଓଓ ଦ୍ୱାରା ଯୋଜନା କରାଯାଇଥିବା ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା, କଲେକ୍ଟର ଅଫିସରେ ଏକ ଲିଫ୍ଟ , ଦିବ୍ୟାଙ୍ଗଙ୍କ ଦ୍ୱାରା ପରିଚାଳିତ ଏକ ଦିବ୍ୟାଙ୍ଗ ସେବା କେନ୍ଦ୍ରର ପ୍ରତିଷ୍ଠା, ଜିଲା ତଥା ବ୍ଲକ ମୁଖ୍ୟାଳୟରେ ଅଭିଯୋଗ ସମାଧାନ ସମୟରେ ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର, ସହାୟତା ଦେବା, ପ୍ରୋଭିଜନ ପିଏମ୍‌ଏୱାଇ ଅନୁଯାୟୀ ଘର, ଦିବ୍ୟାଙ୍ଗଙ୍କ ପାଇଁ ଅଗ୍ରାଧିକାର ଭିତ୍ତିରେ ଉପଯୁକ୍ତ ଶୌଚାଳୟ, ଡିବିଟି ମାଧ୍ୟମରେ ଭତ୍ତା ଏବଂ ଦିବ୍ୟାଙ୍ଗ ପାଇଁ ବ୍ୟାଙ୍କ ସୁବିଧା, ଦିବ୍ୟାଙ୍ଗ ମିତ୍ରଙ୍କୁ ସରକାରୀ ସୁବିଧା ଓ ଅଗ୍ରାଧିକାର ଭିତ୍ତିରେ ଭୂମିହୀନ ଦିବ୍ୟାଙ୍ଗଙ୍କୁ ଜମି ପ୍ରଦାନ ପାଇଁ ଉକ୍ତ ପତ୍ରରେ ଉଲ୍ଲେଖ ରହିଛି। ଏହି ପ୍ରସ୍ତାବପତ୍ର ପ୍ରଦାନ ସମୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସେବା ବିଭାଗ ପଶ୍ଚିମ ଓଡ଼ିଶା ପ୍ରାନ୍ତ ପ୍ରମୁଖ ଦୀପକ ରାଉତ, ସକ୍ଷମର ରାଜ୍ୟ ସଂରକ୍ଷକ ବାଦଲ କୁମାର ତା, ସକ୍ଷମ ପଶ୍ଚିମ ଓଡ଼ିଶା ସଚିବ ରାମଚନ୍ଦ୍ର ସାହୁ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରଚାରକ ନୀଲେଶ ଜି, ସକ୍ଷମ ପଶ୍ଚିମ ଓଡ଼ିଶା କୋଷାଧ୍ୟକ୍ଷ ବିଜୟ ମିଶ୍ର , ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜିଲା ବ୍ୟବସ୍ଥା ପ୍ରମୁଖ ସୁଶାନ୍ତ ସୁବୁଦ୍ଧି, ସକ୍ଷମ ରାୟଗଡ଼ା ଜିଲା ସମ୍ପାଦକ ଶ୍ୟାମକୁମାର ଦାଶ, ସକ୍ଷମ ସଂଯୋଜକ ତଥା ସେବା ଭାରତୀର ବିଦ୍ୟାଭୂଷଣ ପଣ୍ଡା ଉପସ୍ଥିତ ଥିଲେ।

# ଏସ୍‌ଏଚ୍‌ଜିକୁ ରୋଷେଇ କାର୍ଯ୍ୟରୁ ହଟାଗଲା

**ଉମରକୋଟ,୧୪।୯(ସ୍ୱ.ପ୍ର.)**



- ମୁର୍ତ୍ତୁମା ହାଇସ୍କୁଲ ପୋକରା ଚାଉଳରୁ ମଧାହ୍ନଭୋଜନ ପ୍ରସଙ୍ଗ
- ପିଲାଙ୍କ ପାଇଁ ଆସିଲା ଭଲ ଚାଉଳ

ଉମରକୋଟ ସହର ନିକଟସ୍ଥ ମୁର୍ତ୍ତୁମା ସ୍ଥିତ ୫–ଟି ନୋଡାଲ ସରକାରୀ ହାଇସ୍କୁଲରେ ମଧାହ୍ନଭୋଜନରେ ପୋକରା ଚାଉଳ ଦିଆଯିବା ଘଟଣା ପ୍ରଘଟ ହେବା ପରେ ରୋଷେଇ ଦାୟିତ୍ୱରେ ଥିବା ମାଁ ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ସ୍କୁଲ ପ୍ରଶାସନ ରୋଷେଇ କାର୍ଯ୍ୟରୁ ବାଦ ଦେଇଛି। ଏବେ ରୋଷେଇ ଦାୟିତ୍ୱ ସ୍କୁଲ ପରିଚାଳନା କମିଟି ନିଜ ହାତକୁ ନେଇଛି। ବୁଧବାର ଉମରକୋଟ ଏବିଇଓ ପୁରୁଷୋତ୍ତମ ମାଝି ୩ କୁଇଣ୍ଟାଲ ଚାଉଳ ଆଣି ସ୍କୁଲରେ ଦେଇଛନ୍ତି। ଫଳରେ ମଧାହ୍ନ ଭୋଜନ ବ୍ୟବସ୍ଥା ସ୍କୁଲରେ ସ୍ୱାଭାବିକ ହୋଇଛି।

ଉଲ୍ଲେଖଯୋଗ୍ୟ ମଧାହ୍ନଭୋଜନରେ ଚାଉଳ ପୋକ ସାଲୁବାଲୁ ହେବାରୁ ତାହାକୁ ନିକଟସ୍ଥ ମିଲ୍‌କୁ ନେଇ ପଲିସ୍ କରାଯାଇଥିଲା। ଫଳରେ ଚାଉଳ ଗୁଣ୍ଡ ହୋଇଥିଲା। ସମସ୍ତ ଘଟଣାକୁ ନେଇ ଗ୍ରାମବାସୀ ସ୍କୁଲ ଭିତରେ ପ୍ରବେଶ କରି ପ୍ରବଳ ହଟ୍ଟଗୋଳ କରିଥିଲେ। ଫଳରେ ମଙ୍ଗଳବାର ସ୍କୁଲ ପରିଚାଳନ କମିଟି ସଭାପତି ଦୋକାନରୁ ଭଲ ଚାଉଳ କିଣି ଆଣିଥିଲେ। ଏହାପରେ ବିଦ୍ୟାଳୟରେ ରୋଷେଇ ହୋଇଥିଲା। ଅନ୍ୟପଟେ ୨୦୨୦–୨୧ ବର୍ଷର ପୁରୁଣା ଚାଉଳ ଚଳିତ ବର୍ଷ ଜୁନ୍ ମାସରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦିଆଗଲା କିପରି ତାହାକୁ ନେଇ ପ୍ରଶ୍ନ ଉଠିଛି। ୨୦୨୦–୨୧ ବର୍ଷରେ ଜିଲାରେ ଚାଉଳ ଅଭାବ ରହିଥିଲା ଏବଂ ପଡ଼ୋଶୀ ଜିଲାରୁ ନବରଙ୍ଗପୁରକୁ ଚାଉଳ ଆସିଥିଲା। ତେବେ ଚାଉଳ ବସ୍ତା ଭିତରୁ ଯେଉଁ ଲେବଲ ବାହାରିଲା ତାହା ନବରଙ୍ଗପୁର ଜିଲା ମୈଦଲପୁରର ଏକ ମିଲର ବୋଲି ଜଣାପଡ଼ିଥିଲା। ଏତେ ପୁରୁଣା ଚାଉଳ କେଉଁଠୁ ଏବଂ କେମିତି ଆସିଲା ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଦାବି ହେଉଛି। ଏବିଷୟରେ ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଗତ ବର୍ଷ ଜିଲାରେ ଚାଉଳ ଅଭାବ ଥିଲା ଏବଂ ଅନ୍ୟ ଜିଲାରୁ ଚାଉଳ ଅସିଥିବା ସ୍ୱୀକାର କରିଥିଲେ। ଏପରି ଘଟିବା କଥା ନୁହଁ, ବିଇଓଙ୍କ ଠାରୁ ରିପୋର୍ଟ ଆସିଲେ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି ଜିଲା ଯୋଗାଣ ଅଧିକାରୀ କହିଛନ୍ତି।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଷ୍ଟାର୍ଟଅପ ଓଡ଼ିଶା ଯାତ୍ରାର ଶିବିର

**ଗୁଣପୁର,୧୪।୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟଠାରେ ଷ୍ଟାର୍ଟଅପ ଓଡିଶାଯାତ୍ରା ୨.୦ ନୂତନ ବିଚାର ଧାରା ସମ୍ପର୍କିତ ଏକ ଦିନିକିଆ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକନଲୋଜିର ବିଜିନେସ ଇନଷ୍ଟିଚ୍ୟୁସନର ଯାନ୍ତ୍ରିକ ପରିଚାଳକ ମନିଷ ସିଂ ଏବଂ ସୋମେଶ ସାହୁ ଷ୍ଟାର୍ଟ ଅପ ଓଡିଶା ପ୍ରତିନିଧି ଭାବେ ଯୋଗଦେଇ ଷ୍ଟାର୍ଟ ଅପ ଓଡ଼ିଶାଯାତ୍ରା ୨.୦ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲଜିର ଡିନ୍ ଡ.ଏ.ବି.ଶ୍ରୀନିବାସ ରାଓ ଯୋଗଦେଇ ସ୍ୱାଗତ ସୂଚନା ଦେଇଥିଲେ। ଡିନ ଏକାଡେମିକସ ଡ.ଏ.ଭି.ଏନ.ଏଲଶର୍ମା ଛାତ୍ରୀଛାତ୍ରଙ୍କ ନୂତନ ଚିନ୍ତାଧାରାକୁ ଭବିଷ୍ୟତରେ ଆଗକୁ ନେବା ପାଇଁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ର ମାନଙ୍କ ପକ୍ଷରୁ ୪୯ଟି ନୂତନ ଚନ୍ତାଧାରାର ପ୍ରକଳ୍ପ ଶିବିରରେ ପ୍ରଦର୍ଶନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଉଦ୍ୟୋଗକାରୀ ବିଭାଗର ସଂଯୋଜକ ରାଧାନାଥ ପାତ୍ର, ଡ.ସଚ୍ଚିକାନ୍ତ ଦାସ, ଶଶାଙ୍କ ଶେଖର ପଣ୍ଡା, ଡ.ଦିପ୍ତିକାନ୍ତ ଆଚାର୍ଯ୍ୟ, ଡ.ପ୍ରତିଭା କର, ଡ.ସୁମନ ମିଶ୍ର, ବି.ବିକ୍ରମ ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଡ.ସନ୍ତୋଷ ବିଦ୍ୟାଣି ଧନ୍ୟବାଦ ଦେଇଥିଲେ।

# ଗୁଣପୁରରେ ହିନ୍ଦୀ ଦିବସ ପାଳିତ

**ଗୁଣପୁର,୧୪।୯(ଡି.ଏନ.ଏ)**



ଛାତ୍ରୀଛାତ୍ରଙ୍କ ବାହାରିଥିବା ଶୋଭାଯାତ୍ରା।

ରାୟଗଡା ଜିଲା ଗୁଣପୁରର ବିଭିନ ସ୍କୁଲ ଏବଂ ଅନୁଷ୍ଠାନ ପକ୍ଷର ବୁଧବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଭା ଏବଂ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ରାଷ୍ଟ୍ରଭାଷା ପ୍ରଚାର ସଭାର ସହଯୋଗରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ମହାତ୍ମାଗାନ୍ଧି ଆନ୍ତର୍ଜାତୀୟ ପବ୍ଲିକ ସ୍କୁଲ, ଜଗନ୍ନାଥ ପବ୍ଲିକ ସ୍କୁଲ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ସେହିପରି ଗାଦିଆଖଳା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟଠାରେ ହିନ୍ଦୀଶିକ୍ଷକଙ୍କ ତତ୍ତ୍ୱାବଧାନରେ ହିନ୍ଦୀ ଦିବସ ପାଳନ କରାଯାଇଥିଲା। ହିନ୍ଦୀ ଭାଷାର ସୁରକ୍ଷା ସହଏହାର ଗାରିମା ବୃଦ୍ଧି ପାଇଁ ସଂକଳ୍ପ ଗ୍ରହଣ କରାଯାଇଥିଲା। ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ଭାଷା ପ୍ରଚାରକ ଉମା ଶଙ୍କର ଦାସ, ବଳରାମ ବାଉରୀ, ସ୍ୱର୍ଣ୍ଣଲତା ନାୟକ, ଦିଲୀପ ରୁଜଗୁରୁ ମହାପାତ୍ର, ପ୍ରମୋଦ ମହାନ୍ତି, ପ୍ରଫୁଲ୍ଲ ଶତପଥୀ, ସୋମନାଥ ମହାଲୁଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରେଲ୍‌ୱେ ରାସ୍ତା ବନ୍ଦ ନିଷ୍ପତ୍ତିକୁ ବିରୋଧ କଲେ ଗ୍ରାମବାସୀ

**ରାୟଗଡ଼ା ଅଫିସ,୧୪।୯**

**ଶୀଘ୍ର ଓଭରବ୍ରିଜ୍ କିମ୍ବା ଭୂତଳ ରାସ୍ତା ନିର୍ମାଣ ଦାବି**

ଗାଁକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା ବନ୍ଦ କରିବାକୁ ରେଲ୍‌ୱେ ପକ୍ଷରୁ ଉଦ୍ୟମ କରାଯାଉଛି। ତେବେ ଗ୍ରାମବାସୀଙ୍କ ପ୍ରତିବାଦ ପରେ ରେଲ୍‌ୱେ କର୍ମଚାରୀଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଛି। ରାୟଗଡ଼ା ଜିଲା କୁମୁଡିପେଣ୍ଟ ପଞ୍ଚାୟତ ଦେବଦୋଳା ଗ୍ରାମରେ ବୁଧବାର ଏଭଳି ଘଟଣା ଘଟିଛି।

ସୂଚନାଯୋଗ୍ୟ, ଦେବଦୋଳା ଗ୍ରାମବାସୀଙ୍କୁ ପ୍ରତ୍ୟେକ ଦିନ ରେଳ ଲାଇନ ଅତିକ୍ରମ କରି ଯାତାୟାତ କରିବାକୁ ହୁଏ। ତେବେ ବିନା ଫାଟକରେ ରେଳଲାଇନ୍ ପାର ହେଉଥିବାରୁ ଦୁର୍ଘଟଣାର ଆଶଙ୍କା ରହିଛି। ତେଣୁ ରେଲୱେ ପକ୍ଷରୁ ଉକ୍ତ ରାସ୍ତା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ବୁଧବାର କର୍ମଚାରୀମାନେ ପହଞ୍ଚିଥିବାବେଳେ ଗ୍ରାମବାସୀ ଏହି ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଗ୍ରାମବାସୀଙ୍କ ପାଇଁ ସବୁଦିନିଆ ରାସ୍ତା, ଓଭରବ୍ରିଜ୍ କିମ୍ବା ଅଣ୍ଡରଗ୍ରାଉଣ୍ଡ ରାସ୍ତା ନିର୍ମାଣ କରିବାକୁ ରେଲ୍‌ୱେ ପକ୍ଷରୁ ମିଳିଥିବା ପ୍ରତିଶ୍ରୁତି ପୂରଣ କରାଯାଇ ନାହିଁ। ଦୀର୍ଘବର୍ଷ ଧରି ଗ୍ରାମବାସୀ ଉକ୍ତ ସ୍ଥାନରେ ରହିଆସୁଥିଲେ। ଏହପରେ ଉକ୍ତ ଗ୍ରାମ ସଲଗ୍ନ ହୋଇ ରେଳଲାଇନ୍ ବିଛା ଯାଇଥିବାବେଳେ ୨୦୧୨ରେ ଗ୍ରାମବାସୀଙ୍କ ଦାବିକୁ ଗ୍ରହଣ କରି ରେଲ୍‌ୱେ ପକ୍ଷରୁ ସେଠାରେ ଓଭରବ୍ରିଜ କିମ୍ବା ଭୂତଳ ବ୍ରିଜ୍ ନିର୍ମାଣ ପ୍ରସ୍ତାବ ଦିଆଯାଇଥିଲା। ପରବର୍ତ୍ତି ସମୟରେ ଏହା କାର୍ଯ୍ୟକାରୀ ନ ହେବାରୁ ଗ୍ରାମବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଁକୁ ଯୋଗାଯୋଗ କରିବାର ଅନ୍ୟ କୌଣସି ମାଧ୍ୟମ ନ ଥିବାରୁ ରେଳଲାଇନ୍ ଅତିକ୍ରମ କରିବା ପରେ ଗ୍ରାମବାସୀ ବାହ୍ୟଜଗତ ସହ ସମ୍ପର୍କ ସ୍ଥାପନ କରିଥାନ୍ତି। ଗ୍ରାମକୁ ସଂଯୋଗ କରୁଥିବା ଅନ୍ୟ କୌଣସି ରାସ୍ତା ବିକଳ୍ପ ନ ଥିବାରୁ ଗାଁରେ ଆମ୍ବୁଲାନ୍ସ ପହଞ୍ଚିବା ଅସମ୍ଭବ ହୋଇପଡ଼ିଛି। ଯଦ୍ୱାରା ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା ସେବା ମିଳିବା କାଠିକର ପାଠ ହୋଇଛି। ସେହିପରି ଭାରିଯାନ ଚଳାଚଳରେ ସମସ୍ୟା ଦେଖା ଦେଉଥିବାବେଳେ ଛାତ୍ରୀଛାତ୍ର ବିପଦପୂର୍ଣ୍ଣ ଅବସ୍ଥାରେ ସ୍କୁଲ ଯାଉଛନ୍ତି। ଏଠାରେ ରେଲ୍‌ୱେ ଏବଂ ଜିଲା ପ୍ରଶାସନର ସମନ୍ୱୟରେ ଓଭରବ୍ରିଜ୍ କିମ୍ବା ଭୂତଳ ବ୍ରିଜ୍ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ରେଲ୍‌ୱେର ଅଧିକାରୀ ଏଡିଇଏନ୍ ସଞ୍ଜିଭ୍ ଦିକ୍ସା, ଏସ୍‌ଇ ଶ୍ରୀନିବାସ ରାଓ, ଏସ୍‌ଏସ୍‌ଇ ବିପିନ ରାଓ, ଆର୍‌ପିଏଫ୍ ଏସ୍‌ଆଇ ଜେ. ସୂର୍ଯ୍ୟ ଏବଂ ସ୍ଥାନୀୟ ଲୋକଙ୍କ ସମେତ ଜିଲା ଭାଜପାର ରାଜ୍ୟ ସମ୍ପାଦକ ହଳଧର ମିଶ୍ର, ଦାମୋଦର ହିମିରିକା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ରେଲ୍‌ୱେ ଅଧିକାରୀଙ୍କୁ ଜଣାଇଥିଲେ। ଏ ଦିଗରେ ଜିଲା ପ୍ରଶାସନ ଏବଂ ରେଲ୍‌ୱେ ମିଳିତ ଭାବେ ପଦକ୍ଷେପ ଗ୍ରହଣ କରି ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବାକୁ ଦାବି ହୋଇଛି।

